# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 13th February - 2025

**********************************

## ମୁଖ୍ୟ ସମ୍ବାଦ

- ଓଡ଼ିଶାକୁ ୨୦୩୬ ମସିହା ସୁଦ୍ଧା ୫୦୦ ବିଲିୟନ୍ ଡଲାର୍ ଅର୍ଥନୀତିରେ ପରିଣତ କରିବାର ଲକ୍ଷ୍ୟ ରଖାଯାଇଛି; ବିଧାନସଭାରେ ଅଭିଭାଷଣ ଦେଇ କହିଲେ ରାଜ୍ୟପାଳ ।

- ଲୋକସଭାରେ ଆଜି ନୂତନ ଆୟକର ବିଲ୍-୨୦୨୫ ଉପସ୍ଥାପନ କଲେ କେନ୍ଦ୍ର ଅର୍ଥମନ୍ତ୍ରୀ ।

- ସମାଜରେ ରେଡିଓର ଅତୁଳନୀୟ ଭୂମିକାକୁ ସ୍ମରଣ କରି ଆଜି ପାଳନ କରାଯାଉଛି ବିଶ୍ୱ ରେଡିଓ ଦିବସ ।

ଏବଂ

- ରାଜ୍ୟରେ ଆସନ୍ତା ମାସ ୮ ତାରିଖରେ ଅନୁଷ୍ଠିତ ହେବ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ।

# ବିଧାନସଭା ଅଧିବେଶନ

ସପ୍ତଦଶ ବିଧାନସଭାର ତୃତୀୟ ତଥା ବଜେଟ୍ ଅଧିବେଶନ ଆଜିଠାରୁ ଆରମ୍ଭ ହୋଇଛି । ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଅଧିବେଶନ ଆରମ୍ଭରେ ଅଭିଭାଷଣ ପ୍ରଦାନ କରି କହିଛନ୍ତି, ୨୦୩୬ ମସିହା ସୁଦ୍ଧା ୫୦୦ ବିଲିୟନ୍ ଡଲାର ଅର୍ଥନୀତି ସହ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଲକ୍ଷ୍ୟ ରଖାଯାଇଛି। ଆସନ୍ତା ୫ ବର୍ଷ ମଧ୍ୟରେ ରାଜ୍ୟରେ ଦେଢ଼ ଲକ୍ଷ ପଦବୀ ପୂରଣ କରାଯିବ। ସେଥିମଧ୍ୟରୁ ପ୍ରଥମ ଦୁଇ ବର୍ଷ ମଧ୍ୟରେ ୬୫ ହଜାର ପଦବୀ ପୂରଣ କରାଯିବ ବୋଲି ରାଜ୍ୟପାଳ କହିଛନ୍ତି। କଳା, ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ସୁରକ୍ଷା, ଉନ୍ନତି ପାଇଁ ସରକାର ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରୁଛନ୍ତି । ଆସନ୍ତା ଦୁଇ ବର୍ଷ ମଧ୍ୟରେ ବୟନଶିଳ୍ପ କ୍ଷେତ୍ରରେ ୫୦ ହଜାର ନିଯୁକ୍ତି ଏବଂ ପାଞ୍ଚ ବର୍ଷ ମଧ୍ୟରେ ଆଇ.ଟି. ଏବଂ ଆଇ.ଇ.ଟି.ଇ.ଏସ୍. କ୍ଷେତ୍ରରେ ୫୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ସରକାର ପଦକ୍ଷେପ ନେଉଛନ୍ତି ବୋଲି ସେ କହିଛନ୍ତି।

ଓଡ଼ିଆ ଅସ୍ମିତା କ୍ଷେତ୍ରରେ ୨୦୦ କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ କରାଯାଇଛି। ବାଲିଯାତ୍ରା ଏବଂ ଧନୁଯାତ୍ରାକୁ ବିଶ୍ୱ ଐତିହ୍ୟ ପର୍ବଭାବେ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ରାଜ୍ୟପାଳ କହିଛନ୍ତି, ପ୍ରଧାନମନ୍ତ୍ରୀ ଇ-ବସ୍ ସେବା ଯୋଜନା ଅଧୀନରେ ରାଜ୍ୟର ବିଭିନ୍ନ ସହରରେ ୪୦୦ ଇ-ବସ୍ ଚଳାଚଳ ପାଇଁ ପଦକ୍ଷେପ ନିଆଯାଇଛି। ଗ୍ରାମାଞ୍ଚଳ ଭିତ୍ତିଭୂମିକୁ ଦୃଷ୍ଟିରେ

ରଖି ଚଳିତ ଆର୍ଥିକ ବର୍ଷରେ ୧ ହଜାର ୪୩୯ କିଲୋମିଟର ରାସ୍ତା ନିର୍ମାଣ ସରିଛି। ଆଡ଼ି ବନ୍ଧ ଯୋଜନାରେ ୨୦୯ଟି ଚେକ୍ ଡ୍ୟାମ୍‌ର ନିର୍ମାଣ କାର୍ଯ୍ୟ ଜାରି ରହିଛି। ନାରୀ ସଶକ୍ତୀକରଣ ଦିଗରେ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଥିବା ନେଇ ରାଜ୍ୟପାଳ ସୂଚନା ଦେବା ସହ ସୁଭଦ୍ରା ଯୋଜନାର ସଫଳତା ଉପରେ ଉଲ୍ଲେଖ କରିଥିଲେ। ଅନୁସୂଚିତ ଜନଜାତିଙ୍କ କଲ୍ୟାଣ ପାଇଁ କେନ୍ଦ୍ରୀୟ ଯୋଜନା 'ଧର୍ତ୍ତି ଆବା ଜନଜାତି ଉନ୍ନତ ଗ୍ରାମ' ଅଭିଯାନକୁ ରାଜ୍ୟରେ କାର୍ଯ୍ୟକାରୀ କରାଯାଇଛି ବୋଲି ରାଜ୍ୟପାଳ କହିଛନ୍ତି ।

***Desk***

# ବିଧାନସଭା ଶୋକ

ରାଜ୍ୟପାଳଙ୍କ ଅଭିଭାଷଣ ପରେ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ମନମୋହନ ସିଂ, ପରଲୋକଗତ ବିଧାନସଭାର ପୂର୍ବତନ ସଦସ୍ୟ ବିଜୟ କୁମାର ମହାନ୍ତି ଏବଂ ସଦନ ନାୟକଙ୍କ ଉଦ୍ଦେଶ୍ୟରେ ଶୋକପ୍ରସ୍ତାବ ଆଗତ କରିଥିଲେ। ଏହି ପ୍ରସ୍ତାବକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ସିପିଆଇଏମ୍ ବିଧାୟକ ଦଳ ନେତା ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ସମର୍ଥନ ଜଣାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାପରେ ଗୃହରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଗୃହକୁ ଆଜି ପାଇଁ ବାଚସ୍ପତି ମୁଲତବୀ ଘୋଷଣା କରିଥିଲେ।

*Desk*

## ଆୟକର ବିଧେୟକ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ଲୋକସଭାରେ ନୂତନ ଆୟକର ବିଲ୍‌-୨୦୨୫ ଉପସ୍ଥାପନ କରିଛନ୍ତି । ଏହି ନୂତନ ବିଧେୟକ ପୁରୁଣା ଆୟକର ଆଇନ-୧୯୬୧ର ସ୍ଥାନ ନେବା ସହ ଟିକସ ବ୍ୟବସ୍ଥାକୁ ସରଳ, ସ୍ୱଚ୍ଛ ଓ ଅଧିକ ପ୍ରଭାବଶାଳୀ କରିବ । ଗତ ୭ ତାରିଖରେ ନୂତନ ଆୟକର ବିଲ୍ କେନ୍ଦ୍ର କ୍ୟାବିନେଟ୍‌ର ଅନୁମୋଦନ ଲାଭ କରିଥିଲା । ଅର୍ଥମନ୍ତ୍ରୀ ଗତ ୧ ତାରିଖରେ ସଂସଦର ବଜେଟ୍ ଅଧିବେଶନରେ ଏହି ବିଲ୍‌ର ଉପସ୍ଥାପନ ପାଇଁ ଘୋଷଣା କରିଥିଲେ । ଏହି ବିଲ୍ ଉପସ୍ଥାପିତ ହେବା ପରେ ଗୃହକାର୍ଯ୍ୟକୁ ମାର୍ଚ୍ଚ ୧୦ ତାରିଖ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି ।

*Desk*

## ମତ୍ସ୍ୟ-ପ୍ରାଣୀ ସମାବେଶ

ଭୁବନେଶ୍ୱର ବରମୁଣ୍ଡା ବିଜୁ ପଟ୍ଟନାୟକ ପଡିଆରେ ଆସନ୍ତାକାଲିଠାରୁ ୧୬ ତାରିଖ ପର୍ଯ୍ୟନ୍ତ 'ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ-୨୦୨୫' ଅନୁଷ୍ଠିତ ହେବ। ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଗତକାଲି

ସମାବେଶର ଲୋଗୋ ଓ ମାସ୍କଟ ଉନ୍ମୋଚନ କରିଥିଲେ। ଚଳିତବର୍ଷ ପାଇଁ ସମାବେଶର ବାର୍ତ୍ତା ରହିଛି 'ମତ୍ସ୍ୟ ଓ ପ୍ରାଣୀ ପାଳନ-ଜୀବନଜୀବିକା ଜୈବ ସନ୍ତୁଳନ'। ଏହି ସମ୍ମିଳନୀରେ ପ୍ରତି ବ୍ଲକ୍‌ରୁ ୨୬ ଜଣ ଲେଖାଏଁ ଚାଷୀ ଯୋଗଦେବେ। ଏଥିସହିତ ପ୍ରତ୍ୟେକ ଉପଖଣ୍ଡରୁ ୪ ଜଣ ସଫଳ ପ୍ରାଣୀପାଳକ ଓ ମତ୍ସ୍ୟଚାଷୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି।

***Desk***

# ବିଶ୍ୱ ରେଡିଓ ଦିବସ

ସମାଜର ବିକାଶରେ ରେଡ଼ିଓର ଅତୁଳନୀୟ ଭୂମିକାକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ଆଜିର ଦିନକୁ ବିଶ୍ୱ ରେଡ଼ିଓ ଦିବସ ଭାବେ ପାଳନ କରାଯାଉଛି । ଚଳିତ ବର୍ଷର ବାର୍ତ୍ତା ରହିଛି 'ରେଡିଓ ଏବଂ ଜଳବାୟୁ ପରିବର୍ତ୍ତନ'। ବିଶ୍ୱର ସର୍ବପୁରାତନ ସଂଚାର ମାଧ୍ୟମ ଭାବେ ଆଜି ମଧ୍ୟ ରେଡିଓ ତାର ଲୋକପ୍ରିୟତାକୁ ବଜାୟ ରଖିଛି। ଲୋକଙ୍କ ମଧ୍ୟରେ ରେଡିଓ ଉପଯୋଗିତାର ପ୍ରଚାର ପ୍ରସାର ବୃଦ୍ଧି ଆଜିର ଦିନର ମୂଳ ଉଦ୍ଦେଶ୍ୟ। ସୂଚନା ଓ ପ୍ରସାରଣ କ୍ଷେତ୍ରରେ ରେଡିଓ ଅତ୍ୟନ୍ତ ବିଶ୍ୱସ୍ୱନୀୟ ଢଙ୍ଗରେ କାର୍ଯ୍ୟ କରିଆସୁଛି। ମିଥ୍ୟା ସୂଚନା, ଗୁଜବଠାରୁ ବହୁ ଦୂରରେ ରହି ରେଡିଓ ତା'ର ଦାୟିତ୍ୱକୁ ସୂଚାରୁରୂପେ ସମ୍ପାଦନ କରୁଛି। ଗୋଷ୍ଠୀ ରେଡିଓ, ଗ୍ରାମୀଣ ରେଡିଓ ଆଦି ମାଧ୍ୟମରେ ରେଡିଓ ସମାବେଶୀ ହେବା ସହ ବିକାଶ ପ୍ରକ୍ରିୟାରେ ବହୁମୂଲ୍ୟ ଯୋଗଦାନ ଦେଇଆସୁଛି। ୧୯୪୬ ମସିହା ଆଜିର ଦିନରେ

ଜାତିସଂଘ ରେଡ଼ିଓରେ ପ୍ରତିଷ୍ଠା ହୋଇଥିଲା । ରେଡିଓକୁ ବିଶ୍ୱର ସବୁଠାରୁ ସହଜ ଏବଂ ଶସ୍ତାରେ ଉପଲବ୍ଧ ଗଣମାଧ୍ୟମ ବୋଲି କୁହାଯାଏ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାମାଜିକ ଗଣମାଧ୍ୟମରେ କହିଛନ୍ତି, ଲୋକଙ୍କପାଇଁ ରେଡିଓ ଏକ ସମୟାନୁପାତିକ ଜୀବନରେଖା ହୋଇପାରିଛି । ସମ୍ବାଦରୁ ସଂସ୍କୃତି, ସଙ୍ଗୀତରୁ କଥାକାର ଆଦି ସୃଜନଶୀଳ କ୍ଷେତ୍ରକୁ ରେଡ଼ିଓ ସମୃଦ୍ଧ କରିଛି । ରେଡିଓ ସହ ସମ୍ପୃକ୍ତ ସମସ୍ତ ବ୍ୟକ୍ତିବିଶେଷଙ୍କୁ ଶ୍ରୀ ମୋଦି ଶୁଭେଚ୍ଛା ଜଣାଇଛନ୍ତି । ପୂର୍ବରୁ ଆକାଶବାଣୀର ମନ୍ କୀ ବାତ୍‌ର ଏକ କାର୍ଯ୍ୟକ୍ରମରେ ରେଡ଼ିଓ କିଭଳି ଜନ-ଜନର ମାଧ୍ୟମ ହୋଇପାରିଛି, ସେ ବିଷୟରେ ବ୍ୟାଖ୍ୟାକରି ପ୍ରଧାନମନ୍ତ୍ରୀ କହିଥିଲେ :

***Voice*** **:............**

ପ୍ରସାର ଭାରତୀ ଅଧ୍ୟକ୍ଷ ନବନୀତ କୁମାର ସେହଗଲ କହିଛନ୍ତି, ଦେଶର ସାଂସ୍କୃତିକ ଏବଂ ଆର୍ଥିକ ବିକାଶ କ୍ଷେତ୍ରରେ ରେଡିଓ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଆକାଶବାଣୀ ବିଶ୍ୱର ସର୍ବାଧିକ ରେଡିଓ ସଂଚାର ମାଧ୍ୟମ ବୋଲି ବର୍ଣ୍ଣନା କରି ଶ୍ରୀ ସେହଗଲ କହିଛନ୍ତି, 'ବହୁଜନ ହିତାୟ, ବହୁଜନ ସୁଖାୟ'ର ବାର୍ତ୍ତାକୁ ଶ୍ରୋତାଙ୍କ ପାଖରେ ପହଁଞ୍ଚାଇଥାଏ।

ଆକାଶବାଣୀ ମହାନିର୍ଦ୍ଦେଶକ ଡକ୍ଟର ପ୍ରଜ୍ଞା ପାଲିଓ୍ୱାଲ ଗୌର କହିଛନ୍ତି, ଦେଶର ଦୁର୍ଗମ ଅଞ୍ଚଳରେ ମଧ୍ୟ ରେଡିଓ ମାଧ୍ୟମରେ ଲୋକଙ୍କ ପାଖରେ ସମୟୋପଯୋଗୀ ସୂଚନା ପହଁଞ୍ଚିପାରୁଛି।  ଏହି ଅବସରରେ ନୂଆଦିଲ୍ଲୀଠାରେ ଆୟୋଜିତ ରେଡିଓ ମହୋତ୍ସବ-୨୦୨୫କୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସଚିବ ସଞ୍ଜୟ ଜାଜୁ ଉଦ୍‌ଘାଟନ କରିଛନ୍ତି।

ରାଜ୍ୟର ବିଭିନ୍ନ ସ୍ଥାନରେ ରେଡ଼ିଓ ଦିବସ ଉପଲକ୍ଷେ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି ।

**BBSR/R**

## ରାଷ୍ଟ୍ରୀୟ ଲୋକ ଅଦାଲତ

ରାଜ୍ୟରେ ଆସନ୍ତା ମାର୍ଚ୍ଚ ମାସ ୮ ତାରିଖରେ ଭୁବନେଶ୍ୱର, ଖୋର୍ଦ୍ଧା, ଜଟଣୀ, ବାଣପୁର, ଚିଲିକା, ଟାଙ୍ଗି ଓ ବେଗୁନିଆ ଅଦାଲତ ପରିସରରେ ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ଏଥିରେ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମାର ଆପୋଷ ସହମତିରେ ସମାଧାନ କରାଯିବ । ଏହାସହ ପ୍ରାକ୍-ମକଦ୍ଦମା ସ୍ତରୀୟ ମାମଲାଗୁଡ଼ିକର ମଧ୍ୟ ଶୁଣାଣି କରାଯିବ । ଲୋକ ଅଦାଲତରେ ମାମଲାର ବିଚାର ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ଦେବାକୁ ପଡ଼େ ନାହିଁ । ଦୀର୍ଘଦିନ ଧରି ପଡ଼ିରହିଥିବା ମାମଲାର ସମାଧାନ ଏହି ଅଦାଲତରେ କରାଯାଇପାରିବ ବୋଲି ଖୋର୍ଦ୍ଧା ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ କୁହାଯାଇଛି ।

*Cuttack/R*

# କାଶ୍ମିରୀ ଯୁବ ବିନିମୟ କାର୍ଯ୍ୟକ୍ରମ

କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ କଟକ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ପଞ୍ଚମ କାଶ୍ମିରୀ ଯୁବ ବିନିମୟ କାର୍ଯ୍ୟକ୍ରମ କଟକର ନେତାଜୀ ବସ୍ ଟର୍ମିନାଲ୍ ପରିସରରେ ଆସନ୍ତା ୧୫ରୁ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଗୋଟିଏ ସ୍ଥାନର ଯୁବବର୍ଗ ଭିନ୍ନ ଏକ ସ୍ଥାନର ସାଂସ୍କୃତିକ, ଧାର୍ମିକ, ଶିକ୍ଷା, ସ୍ୱାସ୍ଥ୍ୟ ଓ ପର୍ଯ୍ୟଟନ ଆଦି ସମ୍ପର୍କରେ ଜାଣିବା ଉଦ୍ଦେଶ୍ୟରେ ଏହି ଯୁବ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ଚଳିତ ଥର କାର୍ଯ୍ୟକ୍ରମରେ କାଶ୍ମିର ଉପତ୍ୟକାର ୬ଟି ଜିଲ୍ଲାର ପ୍ରାୟ ୧୩୨ ଜଣ କାର୍ଯ୍ୟକ୍ରମରେ ଯୋଗଦେବେ । ସେମାନେ କଟକ ଏବଂ ଭୁବନେଶ୍ୱରର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ପରିଦର୍ଶନ କରିବେ ବୋଲି ନେହେରୁ ଯୁବକେନ୍ଦ୍ରର ଜିଲ୍ଲା ଅଧିକାରୀ ବିପିନ କୁମାର ସୂଚନା ଦେଇଛନ୍ତି ।

*Ganjam, Kendrapara, Deogarh, Nayagarh, Sambalpur, Boudh, Desk/R*

# ଏଥର କିଛି ସମ୍ବାଦ ସଂକ୍ଷେପରେ....

- ଗଞ୍ଜାମ ଜିଲ୍ଲା ଛତ୍ରପୁରସ୍ଥିତ ଜଉଗଡ଼ ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ଏକ ସମୀକ୍ଷା ବୈଠକ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।

- କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରେ ଏକ ସାମାଜିକ ଅନୁଷ୍ଠାନ ପକ୍ଷରୁ ଦିବ୍ୟାଙ୍ଗ ଓ ଆର୍ଥିକ ଅନଗ୍ରସର ୪୦୦ ମେଧାବୀ ଛାତ୍ରଛାତ୍ରୀଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଇଛି ।

- ଦେବଗଡ଼ ଜିଲ୍ଲା ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।

- ନୟାଗଡ଼ ଜିଲ୍ଲା ଓଡ଼ଗାଁ ଓ ନୂଆଗାଁ ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ଧାନମଣ୍ଡିକୁ ବି.ଜେ.ପି. କୃଷକମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ପରିଦର୍ଶନ କରିବା ସହିତ ଚାଷୀମାନଙ୍କ ସହିତ ଆଲୋଚନା କରିଛନ୍ତି ।

- ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ସହରାଞ୍ଚଳସ୍ତରୀୟ ମହିଳା ଆରୋଗ୍ୟ ସମିତିର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସହରାଞ୍ଚଳରେ ସ୍ୱାସ୍ଥ୍ୟସେବା ପ୍ରଦାନରେ ମହିଳା ଆରୋଗ୍ୟ ସମିତିର ଭୂମିକା ଉପରେ ଏଥିରେ ଆଲୋଚନା କରାଯାଇଛି ।

- ବୌଦ୍ଧ ଜିଲ୍ଲା କଣ୍ଟାମାଳଠାରେ ରାଜ୍ୟ ମହିଳା କମିଶନ ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଘରୋଇ ହିଂସା ନିରାକରଣ ନେଇ ବିଭିନ୍ନ ଆଇନ ଉପରେ ଆଲୋଚନା କରାଯାଇଥିଲା ।

- ବୌଦ୍ଧ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବେଆଇନ ଲିଙ୍ଗ ନିରୂପଣ ରୋକିବା ନେଇ ଜିଲ୍ଲା ଉପଦେଷ୍ଟା କମିଟିର ବୈଠକ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।

- କଟକ ଜବାହରଲାଲ୍ ନେହେରୁ ଇଣ୍ଡୋର୍ ଷ୍ଟାଡିୟମ୍‌ରେ ଆସନ୍ତା ୨୦ରୁ ୨୩ ତାରିଖ ପର୍ଯ୍ୟନ୍ତ ଜାତୀୟ ବରିଷ୍ଠ କବାଡ଼ି ଚାମ୍ପିୟନ୍‌ସିପ୍ ଅନୁଷ୍ଠିତ ହେବ । ଏଥିରେ ୩୦ଟି ରାଜ୍ୟ ଏବଂ ୫ଟି ବିଭାଗୀୟ ଦଳ ଅଂଶଗ୍ରହଣ କରିବେ ବୋଲି ଓଡ଼ିଶା କବାଡ଼ି ଆସୋସିଏସନ୍ ପକ୍ଷରୁ କୁହାଯାଇଛି ।

*****